# ମୋ ପିଲାଦିନ

ମନେ ପଡ଼େ ଆଜି ସେ ପିଲାଦିନ
ଧୂଳି ଖେଳର ଶୈଶବ ଜୀବନ

ନିଦାଘ ଧୂପର ତାତି କିରଣ
ଦେହେ ଢାଳୁଥାଏ ଦୁଷ୍ଟ ତପନ
ସେ ତାତିର ମଜା ଲୋଭାଏ ମନ
ସଙ୍ଗେ ଖେଳୁଥିବେ ମୋ ସାଥୀଗଣ
ଗୃହ ଫେରନ୍ତାରେ ନ ଥାଏ ମନ
ଏଣେ ଗୃହିଁ ରହିଥାଏ ଲମ୍ବା ପାଞ୍ଚଣ

ମନେ ପଡ଼େ ଆଜି...

ହାତ ଠାରି ଡାକେ ନଈର ପାଣି
ତ୍ୱରିତେ ଆସିଯା ଉଚ୍ଛୁର ହେଲାଣି
ସାଙ୍ଗ ମେଳରେ ସେ ବୁଡ଼ା ପହଁରା
ସେ ପିନ୍ଧା ଜାମାରେ ଟିକି ମାଛଧରା
ବାଲିଘର ପାଇଁ କଳହ କ୍ରନ୍ଦନ
ଫେରିବା ବାଟରେ ପୁଣି ଆଲିଙ୍ଗନ

ମନେ ପଡ଼େ ଆଜି...

ଝିପ୍ ଝିପ୍ ବରଷାରେ ଗାଁ ଦାଣ୍ଡ ଦେଇ
ପାଣିର ସୁଅ ଗୃଲେ କଟୀ ଦୋହଲାଇ
ସେ ପାଣି ସୁଅରେ କୁନି କୁନି ହାତେ
କାଗଜର ଡଙ୍ଗା ଭାସିଯାଏ କେତେ
ଓଡ଼ିଆ ସାଧବ ପୁଅର ସମ୍ମାନେ
ସଜବାଜ ହୁଏ ଯେହ୍ନେ ବୋଇତ ବନ୍ଧାଣ

ମନେ ପଡ଼େ ଆଜି...

ରାତିର ଅନ୍ଧାରରେ ଭୟ ଜାତ ହୁଏ
ଜେଜେମା କୋଳରେ ମୁହଁ ଗୁଞ୍ଜି ଦିଏ
ଜେଜେମା ପେଟର ସେ ଲୁବ୍ଧ କାହାଣୀ
ପରୀର ଡେଣା ଠାରୁ ବୁଢ଼ୀ ଅସୁରୁଣୀ
ଗପ ଶୁଣି ନିଦେ ଆସେ ସପନ
ସପନରେ ଦିବ୍ୟ ପରୀର ସନ୍ଧାନ

ମନେ ପଡ଼େ ଆଜି...